# ଭାଗ IV
## ଭାଷା I
## ଓଡ଼ିଆ

*ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନକରି ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।*

**91.** କୌଣସି ଶିକ୍ଷାର୍ଥୀର କଥନକୌଶଳ ବୃଦ୍ଧିପାଇଁ କିପରି 'ଶବ୍ଦମାଧ୍ୟମ' ବ୍ୟବହୃତ ହେବା ଆବଶ୍ୟକ ? ଦ୍ୱାରା –

(1) ବାକ୍‌କଳା ସହିତ ସଂପର୍କ ରଖି ଉଦ୍ଦେଶ୍ୟମୂଳକ ଶ୍ରୁତଲିଖନ ପ୍ରଦାନ କରିବା

(2) ବାକ୍‌ଧର୍ମୀ କଳାକୌଶଳ ଗଠନ ପାଇଁ ଚତୁପାର୍ଶ୍ୱସ୍ଥ କାର୍ଟୁନ କିମ୍ବା ଅନ୍ୟ ଦୃଶ୍ୟମାଧ୍ୟମର ଉପଯୋଗ କରିବା

(3) ନିରୋଳା ତଥ୍ୟ/ବାକ୍ୟାଂଶ ଉପରେ ଆଧାରିତ ଯେ କୌଣସି କଥାର ବକ୍ତବ୍ୟ ଉପସ୍ଥାପନ ପାଇଁ କହିବା

(4) କେତେକ ରେକର୍ଡିଙ୍ଗ ହୋଇଥିବା ଶବ୍ଦ ଶ୍ରବଣ ପରେ କୌଣସି ଏକ ଗଳ୍ପ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ବ୍ୟାଖ୍ୟା ଏବଂ ବୁଝାଇବାକୁ କହିବା

**92.** ସ୍ୱଗତୋକ୍ତି ମାଧ୍ୟମରେ ଉପଲବ୍ଧ ତିନୋଟି ଅଧିକୌଶଳ ହେଉଛି –

(1) ପ୍ରକାଶଭଙ୍ଗୀ, ସ୍ୱରବୈଚିତ୍ର୍ୟ, ଗତି

(2) ସ୍ୱରବୈଚିତ୍ର୍ୟ, ଶୈଳୀ, ବକ୍ତାର ମୁଖାକୃତି

(3) ବକ୍ତାର ଅନୁମାନ, ପ୍ରକାଶଭଙ୍ଗୀ, ପ୍ରସଙ୍ଗ

(4) ଅଙ୍ଗଭଙ୍ଗୀ, ବକ୍ତାଦ୍ୱାରା ଅନୁମାନ, ବକ୍ତାର ମୁଖଭଙ୍ଗୀ

**93.** ଏକ 'ଉପାର୍ଜନ–ଦୁଃସ୍ଥ ପରିବେଶ' ବୁଝାଇଥାଏ, ଯେଉଁଠି –

(1) ଶ୍ରେଣୀ କକ୍ଷରେ ଇଂରାଜୀଭାଷାର ବ୍ୟବହାର ସୀମିତ ପ୍ରୟୋଗ

(2) ଘରେ ଇଂରାଜୀ ଆଦୌ ବ୍ୟବହୃତ ହୁଏନାହିଁ

(3) ଏମିତି କିଛି ମାଧ୍ୟମ ଅଛି ଯାହା ଶିକ୍ଷାର୍ଥୀମାନଙ୍କୁ ଉପଲବ୍ଧ ନୁହେଁ

(4) ହିନ୍ଦୀ/ମାତୃଭାଷା ହେଉଛି ଭିନ୍ନ ଭାଷାଭାଷୀଙ୍କ ଦ୍ୱାରା ବ୍ୟବହୃତ ସାଧାରଣ ଭାଷା

**94.** 'ଜ୍ଞାନାତ୍ମକ ଶୈଳୀ' ପାଇଁ କେଉଁ ଯୁଗ୍ମ ଶବ୍ଦ ପ୍ରଯୁଜ୍ୟ ?

(1) ବ୍ୟାଖ୍ୟାଧର୍ମୀ/ସାହିତ୍ୟଧର୍ମୀ

(2) ସକ୍ରିୟ /ନିଷ୍କ୍ରିୟ

(3) କ୍ଷେତ୍ର ନିର୍ଭରଶୀଳ/କ୍ଷେତ୍ରନିର୍ଭରଶୀଳ ନୁହେଁ

(4) ପ୍ରତିଯୋଗିତାମୂଳକ/ସମ୍ମିଳିତ ଉଦ୍ୟମଧର୍ମୀ

**95.** 'ଅନୁସନ୍ଧାନଧର୍ମୀଜ୍ଞାନ' ର ଅର୍ଥ ହେଉଛି

(1) ଏକ ଅର୍ଥତାତ୍ତ୍ୱିକ ପାଠ୍ୟକ୍ରମ ଯେପରି ବିଚାରସିଦ୍ଧ–ବ୍ୟାବହାରିକ ପାଠ୍ୟକ୍ରମ

(2) ଏହା ଏକ ନିର୍ଦ୍ଦେଶାତ୍ମକ କୌଶଳ ଯେଉଁଥିରେ ବିଦ୍ୟାର୍ଥୀ ସମ୍ମିଳିତ ଭାବେ ସମସ୍ୟାର ସମାଧାନ କରିଥାନ୍ତି ଏବଂ ନିଜ ଜ୍ଞାନର ଉପଯୋଗ କରିଥାନ୍ତି

(3) ଭାଷା ପ୍ରଶିକ୍ଷଣ ଦିଗରେ ଏକ ସିଦ୍ଧାନ୍ତମୂଳକ ପଦକ୍ଷେପ

(4) ଏକ ବିଧିବଦ୍ଧ ଉପସ୍ଥାପନ ଏବଂ କୌଶଳାଭ୍ୟାସ ଏବଂ ବିଷୟପଠନ

**96.** ଭାଷା ଅଧ୍ୟୟନ ସମୟ ହେଉଛି ଏକ 'କଷ୍ଟକର ସମୟ'

(1) ଶ୍ରେଣୀକକ୍ଷରେ ବିଦ୍ୟାର୍ଥୀର ସାଧାରଣ ବୌଧଶକ୍ତି ଆକଳନର ପୂର୍ବ ସମୟ ନିର୍ଘଣ୍ଟ

(2) ଯେ କୌଣସି ଭାଷା ପ୍ରକଳ୍ପ ପାଇଁ ସର୍ବୋତ୍ତମ ପ୍ରସ୍ତୁତି ସମୟ

(3) ନିରନ୍ତର ଭାଷାବ୍ୟବହାର ଅଭ୍ୟାସ ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରଦତ୍ତ ସ୍ୱତନ୍ତ୍ର ସମୟ

(4) ଯେତେବେଳେ ଅନ୍ୟସମୟଠାରୁ ଅତିସହଜରେ ଭାଷା ଆହରଣ କରାଯାଇ ପାରିବ

**97.** ସାରାଂଶ ଲିଖନ ପାଇଁ ଯେଉଁ ଦୁଇଟି କୌଶଳ ଆବଶ୍ୟକ

(1) ନିଜ ଭାଷାରେ ଗୋଟିଏ ପାଠ୍ୟର ପୁନର୍ଲିଖନ, ପ୍ରତିଶବ୍ଦର ବ୍ୟବହାର

(2) ମୁଖ୍ୟ ଏବଂ ଗୌଣ ତଥ୍ୟର ଚିହ୍ନଟ, ଚିନ୍ତାଧାରାଗୁଡ଼ିକର ସ୍ତରବିନ୍ୟାସ ଜନିତ ଚିହ୍ନଟ

(3) ସଠିକ ଲିଖନ, ସଂଯୋଜକ ଅବ୍ୟୟର ବ୍ୟବହାର

(4) ଶବ୍ଦ ବଦଳରେ ପ୍ରତୀକର ପ୍ରୟୋଗ, ସଠିକ ଲିଖନ

**98.** ବିବିଧ 'କାଳରୂପ' ନିରୂପଣ ସମୟରେ ବିଦ୍ୟାର୍ଥୀ ଅସୁବିଧାର ସମ୍ମୁଖୀନ ହେଲେ, ପ୍ରତିବିଧାନ ଏପରିହେବ

(1) ବିଦ୍ୟାର୍ଥୀ ନିଜ ମନରୁ ବାକ୍ୟଗଠନ କରିବ ଏବଂ ଏହି ସମୟରେ ଶିକ୍ଷକ ତାକୁ ଦିଗଦର୍ଶନ ଦେବ

(2) ଶ୍ରେଣୀକକ୍ଷ ବାହାରୁ ଗଠନକୌଶଳ ଅଧ୍ୟୟନ କରାଯାଇପାରେ

(3) ଜୀବନର ବାସ୍ତବ ଅନୁଭୂତି ଉପରେ ଆଧାରିତ ଗଠନକୌଶଳ ଅଭ୍ୟାସକୁ ବିଦ୍ୟାର୍ଥୀ ଅଭ୍ୟାସ କରିବା

(4) ଏକ ନିର୍ଦ୍ଦିଷ୍ଟ ବାକ୍ୟରୂପକୁ ଅଭ୍ୟାସ କରିବା ପାଇଁ ବହୁତ ସୁଯୋଗ ପ୍ରଦାନ

**99.** 'ସିସିଇ'ର ବ୍ୟବହାର ସହିତ

(1) ବିଦ୍ୟାର୍ଥୀ ବିବିଧ କାର୍ଯ୍ୟକ୍ରମକୁ ଉପଭୋଗ କରିପାରେ

(2) ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇପାରେ

(3) ବିଦ୍ୟାର୍ଥୀ ଉପରେ ଶିକ୍ଷକର ଅଧିକ କର୍ତ୍ତବ୍ୟ ରହିପାରେ

(4) ନିୟମିତ ବିଦ୍ୟାର୍ଥୀର ଜ୍ଞାନ ଆକଳନ କରାଯାଏ

**100.** "ସର୍ଜନାତ୍ମକ ପଠନ"ର ଉଦାହରଣଗୁଡ଼ିକ –

(1) ଆବଶ୍ୟକୀୟ ତଥ୍ୟ ପାଇଁ ଇଣ୍ଟରନେଟ ଉପଯୋଗ

(2) ବିଭିନ୍ନ ଦୃଷ୍ଟିକୋଣରୁ ନାଟ୍ୟରୂପାନ୍ତର, ଚାରିତ୍ରିକ ଅଭିନୟ ଏବଂ ପୁନର୍ଲିଖନ

(3) ଅର୍ଥ ଜାଣିବା ପାଇଁ ପଠନ

(4) ବିଷୟ ଉପରେ ଅଧିକ ତଥ୍ୟ ଜାଣିବା ପାଇଁ ପାଠାଗାରର ଉପଯୋଗ

**101.** 'ପୁସ୍ତକ ଉପରେ ଆଖିବୁଲାଇଆଣିବା' ଅର୍ଥ କ'ଣ ?

(1) କୌଣସି ବିଶେଷ ଘଟଣା/ତଥ୍ୟ ଅନୁସନ୍ଧାନ, ଅନାବଶ୍ୟକ ତଥ୍ୟ ବର୍ଜନ ପାଇଁ ପାଠ୍ୟ ଉପରେ ସହସା ଦୃଷ୍ଟିପାତ

(2) ପଠନରୁ ଲିଖନ ମାଧ୍ୟମକୁ ଆବଶ୍ୟକୀୟ ତଥ୍ୟର ଅପସାରଣ

(3) ଧାରଣା, ନିହିତାର୍ଥ କିମ୍ବା ସଂଗୃହୀତ ତଥ୍ୟଚୟର ପଠନ ସମୟରେ ବିଚାର କରିବା

(4) ସାଧାରଣ ବିଷୟ, ଧାରଣା କିମ୍ବା ଉପଲକ୍ଷ ବୁଝିବା ପାଇଁ ପାଠ୍ୟ ଉପରେ ତୀକ୍ଷ୍ଣ କଟାକ୍ଷପାତ

**102.** 'ପାଠ୍ୟ ସଂଯୋଜନ' ବୁଝାଇଥାଏ

(1) ଯେ କୌଣସି ଅନୁଚ୍ଛେଦରେ ଯୁକ୍ତିଯୁକ୍ତ ଭାବେ ତଥ୍ୟରାଜିର ଉପସ୍ଥାପନ

(2) ଦୀର୍ଘ, ନିରନ୍ତର ପାଠ୍ୟରେ ଏକଚିଟା ବିକ୍ଷିପ୍ତ ତଥ୍ୟର ଲିଖନ

(3) ଅନୁଚ୍ଛେଦ/ବାକ୍ୟ ମଧ୍ୟରେ ସଂପର୍କ ସ୍ଥାପନ ପାଇଁ ସର୍ବନାମ, ସଂଯୋଜକ ଅବ୍ୟୟ କିମ୍ବା ପ୍ରତିଶବ୍ଦର ବ୍ୟବହାର

(4) ଅନୁଚ୍ଛେଦଟି ଏଭଳିସୁବ୍ୟବସ୍ଥିତ ହେବ ଯାହା କାହାଣୀର ବର୍ଣ୍ଣନା ସହିତ ଖାପଖାଇ ପାରିବ

**103.** 'ଶୁଦ୍ଧଶ୍ରବଣ' ବୁଝାଇଥାଏ –

(1) ଶ୍ରୋତାର କାର୍ଯ୍ୟଶେଷ ହେଲାପରେ ଶ୍ରବଣ ଅଧିବେଶର ଅବସ୍ଥା

(2) କଥିତ କିମ୍ବା ରେକର୍ଡିଙ୍ଗ ଅବସ୍ଥାରେ ସ୍ୱାଭାବିକ ବାର୍ତ୍ତାଳପର ଶ୍ରବଣ

(3) ଶିକ୍ଷକଙ୍କ ଦ୍ୱାରା ଉଚ୍ଚସ୍ୱରରେ ପଠିତ କୌଣସି ଅର୍ଦ୍ଧଲିଖିତ କିମ୍ବା ସ୍ୱତଃସ୍ଫୂର୍ତ୍ତ ବକ୍ତବ୍ୟର ଶ୍ରବଣ

(4) କୌଣସି କାର୍ଯ୍ୟର ନିର୍ଦ୍ଦିଷ୍ଟ ତଥ୍ୟ ପାଇଁ ମନଯୋଗ ସହକାରେ ଶ୍ରବଣ

**104.** କଥନଠାରୁ ଲିଖନ କେଉଁ ବିଷୟରେ ପୃଥକ୍ ? ପୂର୍ବଚିଁର

(1) ଅଧିକ ସ୍ୱତଃସ୍ଫୂର୍ତ୍ତ ଧର୍ମୀ କାର୍ଯ୍ୟକ୍ରମ

(2) ବ୍ୟାକରଣଗତ ଗଠନଶୈଳୀର କଡାକଡି ଅନୁସରଣ ନ କରିବା

(3) ସାଧାରଣତଃ ମୁକ୍ତଚେତନାଧର୍ମୀ

(4) ଅନାବଶ୍ୟକ କଥା ବା ପୁନରୁକ୍ତିର ଅଭାବ

**105.** କୌଣଶି ଇଂରାଜୀ ଭାଷା ପ୍ରଶିକ୍ଷଣ କ୍ଲାସରେ 'ବକ୍ତବ୍ୟର ଆଦାନପ୍ରଦାନ' କହିଲେ ବୁଝାଯାଏ –

(1) ଶ୍ରୋତାର ବୋଧନ ଦୃଷ୍ଟିକୋଣରୁ ବକ୍ତବ୍ୟ ଚୟନ ଆବଶ୍ୟକ

(2) କାହରି କଥିତ କିମ୍ବା ଲିଖିତ ଆଦାନପ୍ରଦାନଗତ ଫଳାଫଳ ସଂପର୍କୀୟ ତଥ୍ୟ

(3) ସାଧାରଣ ଉକ୍ତି କିମ୍ବା ସ୍ୱଗତୋକ୍ତିକୁ ବିରୋଧ କରୁଥିବା ସଂଳାପ

(4) ବିନାବିରତିରେ ଭାଷାର ସ୍ୱତଃସ୍ଫୂର୍ତ୍ତ ଓ ବିଶ୍ୱସ୍ତ ବ୍ୟବହାର

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ କବିତାଂଶକୁ ପଢି ସବୁଠାରୁ ଉପଯୁକ୍ତ ଉତ୍ତରଟି ନିର୍ବାଚନ କର । (ପ୍ରଶ୍ନ 106–111)*

"କାନନେ ଫୁଟି ଗ୍ଗୋଟ ଫୁଲଟି
ବିତରି ଯାଏ ବାସ
ଗ୍ଗୋଟ କୂଅଟି ଯୋଗାଏ ଜଳ –
ଲୋକେ ବରଷ ମାସ ।1।

କ୍ଷୁଦ୍ର ଏକ ପ୍ରଦୀପ ଶିଖା
ତମସା ପାରେ ଜିଣି
କ୍ଷୁଦ୍ର ବାରିଧାରାଟି ହୁଏ
ପ୍ରବଳ ସ୍ରୋତସ୍ୱିନୀ ।2।

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ ଗଦ୍ୟାଂଶଟି ପାଠକରି ଉପଯୁକ୍ତ ଓ ସଠିକ୍ ଉତ୍ତରଟି ନିର୍ବାଚନକର । (ପ୍ରଶ୍ନ 112–120)*

"ସର୍ବ ପ୍ରଥମେ ସମାଜରେ କୌଣସି ପରିବର୍ତ୍ତନ ଆଣିବା ପୂର୍ବରୁ ତାହାର ଧର୍ମ ସମ୍ବନ୍ଧରେ (About its essence or unalterable Law) ସମ୍ୟକ୍ ବ୍ୟୁତ୍ପତ୍ତି ଲାଭ କରିବା ବିଧେୟ । ସେହିଧର୍ମକୁ ତାହାର ଚତୁଃପାର୍ଶ୍ୱସ୍ଥ କୁପ୍ରଥା ମାନଙ୍କରୁ ପୃଥକ୍ ଭାବରେ ହୃଦୟଙ୍ଗମ କରିବାକୁ ହେବ । ଯେଉଁ ଯେଉଁ ପ୍ରଥା ବା ନିୟମ ଗୁଡ଼ିକ ପରିତ୍ୟାଗ କଲେ ସମାଜ ତିଷ୍ଠି ପାରିବ ନାହିଁ, ସେଗୁଡ଼ିକ ସାଦରେ ଓ ଯତ୍ନ ସହକାରେ ଗ୍ରହଣ କରି ଆବର୍ଜନାଗୁଡ଼ିକୁ ବର୍ଜନ କରିବାକୁ ହେବ । ଉଦାହରଣ ସ୍ୱରୂପ 'ପରସ୍ପର ସହାନୁଭୂତି' ସମାଜର ସ୍ଥିତି ଓ ଉନ୍ନତି ପକ୍ଷରେ ଏକାନ୍ତ ଆବଶ୍ୟକ । ଯଦି ଆମ୍ଭେମାନେ ଏହିଟି ପରିତ୍ୟାଗ କରି ଈର୍ଷା ଅବଲମ୍ବନ ପୂର୍ବକ ପରସ୍ପରର ଅପକାର ସାଧନ କରୁ, ତାହାହେଲେ ସମାଜର ଅସ୍ତିତ୍ୱ ପର୍ଯ୍ୟନ୍ତ ବିପଦ୍–ସଙ୍କୁଳ ହୋଇ ପଡ଼ିବ । ମାତ୍ର ଯଦି ଦେଶକାଳ ପାତ୍ର ଭେଦରେ ସମାଜରେ ପୀତବସ୍ତ୍ର ପରିବର୍ତ୍ତନରି ଶୁକ୍ଳବସ୍ତ୍ର ପରିଧାନ କରିବାର ବ୍ୟବସ୍ଥା ପ୍ରଚଳିତ ହୁଏ, ତାହା ହେଲେ ସମାଜର ସ୍ଥିତି ଓ ବୃଦ୍ଧି ପକ୍ଷରେ କୌଣସି ମାତ୍ର ଆଶଙ୍କା ନାହିଁ । କେହି କେହି କହିପାରନ୍ତି, ଏହି ପରିଧାନ–ବ୍ୟବସ୍ଥା–ରୂପ ସାମାନ୍ୟ ପରିବର୍ତ୍ତନରେ ମଧ ସମାଜରେ ଘୋର ବିପ୍ଳବ ଘଟିଥାଏ । ଏଠାରେ ଆମ୍ଭମାନଙ୍କର ଉତ୍ତର ଏହି ଯେ ସମାଜର ପରିବର୍ତ୍ତନ ତଦନ୍ତର୍ଗତ ବ୍ୟକ୍ତିମାନଙ୍କର ମାନସିକ ଉନ୍ନତି ଅନୁଯାୟୀ ହେବା ଉଚିତ୍ । ପରିବର୍ତ୍ତନ କରିବ ବୋଲି ଯେ ଯେନତେନ ପ୍ରକାରେଣ ଗୋଟାଏ ଆନ୍ଦୋଳନ ଉଠାଇ ଦେବ, ତାହା ନୁହେଁ । ସେଥିପ୍ରତି ସାବଧାନ ହେବାକୁ ହେବ । ଆଗରୁ କହିଅଛୁ, ସାମାଜିକ ସଂସ୍କାର ଗୋଟିଏ ଜଟିଳ ସମସ୍ୟା । ଏହାକୁ କ୍ରୀଡ଼ନକବତ୍ ସାମାନ୍ୟ ମନେ କରିବା ସ୍ୱଳ୍ପଦର୍ଶିତା ମାତ୍ର । ସମାଜ ନେତା ସମାଜର ପ୍ରଧାନ ରକ୍ଷକ । ସେ ଚିକିତ୍ସକ ପରି ସମାଜର ରକ୍ଷଣାବେକ୍ଷଣ ଭାର ଗ୍ରହଣ କରିବେ । ସମାଜ ଗୋଟିଏ ସଜୀବ ବସ୍ତୁତୁଲ୍ୟ ଏବଂ ଏହାର ପ୍ରାଣରକ୍ଷା ତାହାଙ୍କର ପ୍ରଧାନ କର୍ତ୍ତବ୍ୟ । ନବ୍ୟ ଶିକ୍ଷିତ ମାନେ ନାନା ରୁଚି, ନାନା ଭାବର ସଂପର୍କରେ ଆସି ସେ ଗୁଡ଼ିକ ନିଜନିଜର ସମାଜରେ ଚଳାଇବା ସକାଶେ ସର୍ବଦା ବ୍ୟାକୁଳ । ମାତ୍ର ସମାଜର ପ୍ରାଚୀନ ରୀତି ନୀତିରେ ଅଭ୍ୟସ୍ତ ବ୍ୟକ୍ତିମାନେ ଯେ ଗୁଡ଼ିକର ବିରୁଦ୍ଧରେ ଦଣ୍ଡାୟମାନ ହୋଇ ନବ୍ୟ ଶିକ୍ଷିତ ମାନଙ୍କର ସମସ୍ତ ଚେଷ୍ଟା ପଣ୍ଡ କରିବାକୁ ଉଦ୍ୟତ । ରକ୍ଷଣଶୀଳ ଓ ପରିବର୍ତ୍ତନ ପ୍ରିୟ ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ସଂଘର୍ଷଣ ଯେ କୌଣସି ସମାଜ ପକ୍ଷରେ ଗୋଟିଏ ସଂଧିସ୍ଥଳ କହିଲେ ଚଳେ । ଏହି ଉଭୟ ଦଳର ସଂଘର୍ଷଣ ମଧ୍ୟରେ ସମାଜ ନେତା ସର୍ବଦା ସତର୍କ ହୋଇ ସଂସ୍କାର ବିଧାନରେ ଅଗ୍ରସର ହେବା ଉଚିତ୍ । ଏ ସ୍ଥଳରେ ତାହାଙ୍କର କର୍ତ୍ତବ୍ୟ ଗୁରୁତର ।"

**112.** ସମାଜରେ କୌଣସି ପରିବର୍ତ୍ତନ ଆଣିବା ପୂର୍ବରୁ କ'ଣ ଲାଭ କରିବା ବିଧେୟ ?

(1) ଧର୍ମ ସମ୍ବନ୍ଧରେ ସମ୍ୟକ୍ ବ୍ୟୁତ୍ପତ୍ତି

(2) ଦେଶ, କାଳ, ପାତ୍ର ସମ୍ବନ୍ଧରେ ବିଚାର

(3) ସମାଜର ଅସ୍ତିତ୍ୱ ସମ୍ବନ୍ଧରେ

(4) କୁପ୍ରଥା ସମ୍ବନ୍ଧରେ ଜ୍ଞାନ

# ଭାଗ V

## ଭାଷା II

## ଓଡ଼ିଆ

*ନିର୍ଦ୍ଦେଶ : ନିମ୍ନ ପ୍ରଦତ୍ତ ପାଠ୍ୟାଂଶକୁ ପାଠ କରି ଉପଯୁକ୍ତ ସଠିକ୍ ଉତ୍ତରଟି ନିର୍ବାଚନ କର । (ପ୍ରଶ୍ନ 121–126)*

"କେତେକ ପ୍ରକାର ଚର୍ମ ରୋଗ ଏକ ପ୍ରକାର ଆଲର୍ଜି । ପ୍ରଥମେ ପ୍ରଥମେ ଚମ କୁଣ୍ଡେଇ ହୁଏ, ତାପରେ ଟିକ ଟିକ ଫୋଟକା ଉଠେ । ଚର୍ମରେ ଆଲର୍ଜିର ବିଭିନ୍ନ ଲକ୍ଷଣକୁ ଦେଖି ଚିକିତ୍ସା କରାଯାଏ । ପ୍ରତି ଆଲର୍ଜେନ୍‌କୁ ଚିହ୍ନିବା ପାଇଁ ଡ଼ାକ୍ତର ମାନେ ଗୋଟିଏ ପରେ ଗୋଟିଏ ନୂଆ ନୂଆ ପରୀକ୍ଷା କରନ୍ତି । ଯେପର୍ଯ୍ୟନ୍ତ ସମସ୍ତ ପ୍ରକାର ଆଲର୍ଜି ଚିହ୍ନିବା ପାଇଁ ଗୋଟିଏ ମାତ୍ର ପରୀକ୍ଷା ବା ଟେଷ୍ଟନ ବାହାରିଛି, ସେ ପର୍ଯ୍ୟନ୍ତ ଏ ରୋଗକୁ ନିୟନ୍ତ୍ରଣ କରି ହେବ ନାହିଁ । ଯେଉଁ ତ୍ୟଜ୍ୟ ବସ୍ତୁଟି ଯୋଗୁଁ ଆଲର୍ଜି ହେଉଥିବ ବୋଲି ଡାକ୍ତର ମାନେ ସନ୍ଦେହ କରନ୍ତି : ତହିଁରୁ ଲେଶମାତ୍ର ନେଇ ଲୋକର ଚର୍ମତଳେ ପୂରାଇ କିଛି ସମୟ ପରେ ଚର୍ମ ଲାଲ୍ ହୋଇ ଗଲାକି ନାହିଁ, ଫୁଲି ଗଲା କି ନାହିଁ ତା ଜାଣିବାକୁ ଅପେକ୍ଷା କରନ୍ତି । ଛିଙ୍କ ନହୋଇ ମଧ ଚର୍ମ ତଳେ ଥିବା ଆଲର୍ଜେନ୍‌ଟି ଚର୍ମକୁ ସଲସଲ କରିପାରେ । ଏ ଭଳି ରୋଗ ନିର୍ଣ୍ଣୟକୁ ବିଜ୍ଞାନ ନକହି ବରଂ ଗୋଟିଏ କଳା କହିବା । ରୋଗର ପୂରା ଇତିହାସକୁ ଲକ୍ଷ୍ୟ ରଖି ଚର୍ମତଳେ ପରୀକ୍ଷାକଲେ ସମ୍ଭବତଃ ଡାକ୍ତରମାନେ ନିର୍ଭୁଲ, ନିଦାନ କରି ପାରିବେ । କେବଳ ଚର୍ମତଳେ ପରୀକ୍ଷା କରି ତିରିଶ କି ଚାଳିଶ ମିନିଟ୍ ଅପେକ୍ଷା କଲେ ଯଥେଷ୍ଟ ନୁହେଁ । ରୋଗୀର ଘର, ପରିବାର ଓ କାମ ପରିବେଶ ବିଷୟରେ ପୂରା ଇତିହାସ ସଂଗ୍ରହ କରିବା ଦରକାର । ଏଥିପାଇଁ ବହୁତ ସମୟ ଲାଗିବ । ଆଲର୍ଜିର ଚିକିତ୍ସା କରାଯାଇ ପାରେ, କିନ୍ତୁ ପୂରାପୂରି ଭଲ ନ ହୋଇ ପାରେ । ତେଣୁ ଯେଉଁ ଜିନିଷଟି ଆଲର୍ଜି ଆଣିଦିଏ, ତାଠାରୁ ଦୂରରେ ରହିବା ଉଚିତ୍ । କେତେକ ଲୋକ ଗୋଟିଏ ଗୋଟିଏ ଧାତୁର ସଂପର୍କରେ ଆସିଲେ ଆଲର୍ଜି ପାଆନ୍ତି । ସେ ଧାତୁ ବ୍ୟବହାର ଛାଡ଼ି ଦେବା ଉଚିତ୍ । ତୁମକୁ ଆଲର୍ଜି ନଥିଲେ ମଧ ଯଦି ତୁମ ପରିବାରର କାହାରି ଆଲର୍ଜି ହେବାର ଇତିହାସ ଅଛି ତେବେ ପୋଷାଜୀବ ରଖନାହିଁ । ଯଦି ରଖିବ ସମ୍ଭବତଃ ଦୁଇ ତିନି ବର୍ଷ ଭିତରେ ତୁମର ଆଲର୍ଜି ଆସିଯିବ । ପୋଷାଜୀବମାନେ ଦେହକୁ ଚାଟି ସଫା କରନ୍ତି । ସେମାନଙ୍କ ଦେହରୁ ଝଡୁଥିବା ବାଳରେ ଲାଳ ଲାଗିଥାଏ କିମ୍ବା ମଲା ଚମ ଲାଗିଥାଏ । ପବନରେ ଉଡ଼ି ଆସିନାକରେ ପଶେ, ତାହାହିଁ ଆଲର୍ଜି କରେ । କେତେକ ଫୁଲର ରେଣୁ ନାକରେ ପଶିଲେ ଯେଉଁ ମାନଙ୍କର ଆଲର୍ଜି ହୁଏ, ସେମାନେ ଦେଖିବା ଉଚିତ୍ ଯେପରି ଫୁଲର ରେଣୁ ପବନରେ ଘର ଭିତରକୁ ନ ଯାଏ । ଝରକା ବା କବାଟ ପାଖରେ ଯେ ଭଳି କୌଣସି ଫୁଲ ଫୁଟିବା ଗଛ ନରହେ । ଯେଉଁ ଫୁଲର ରେଣୁ ତଳେ ଖସି ପଡେ, ଉଡ଼ି ଉଡ଼ି ଯାଏ ନାହିଁ, ସେଭଳି ଫୁଲର ଗଛ ଲଖାଇବା ଉଚିତ୍ ।"

**121.** କ'ଣ ଚିହ୍ନିବା ପାଇଁ ଡାକ୍ତରମାନେ ଗୋଟିଏ ଗୋଟିଏ ନୂଆ ପରୀକ୍ଷା କରନ୍ତି ?

(1) ଚର୍ମର ରୋଗକୁ

(2) ଚର୍ମ ରୋଗର ଆଲର୍ଜିକୁ

(3) ଅନ୍ୟ କାରଣକୁ

(4) ପ୍ରତି ଆଲର୍ଜେନ୍‌କୁ ଚିହ୍ନିବା ପାଇଁ

**122.** ପୋଷା ଜୀବଠାରୁ ଆମ ଦେହକୁ ଆଲର୍ଜି କାହା ମାଧ୍ୟମରେ ଆସିଥାଏ ?

(1) ସେମାନଙ୍କୁ ବିଶ୍ୱାସ କରିବା

(2) ସେମାନଙ୍କ ଲାଳ ଆମ ହାତର ସ୍ପର୍ଶ ମାଧ୍ୟମରେ

(3) ସେମାନଙ୍କ ଦେହରୁ ଝଡୁଥିବା ବାଳମାଧ୍ୟମରେ

(4) ଦେହ ଚାଟିବା ମାଧ୍ୟମରେ

**123.** ନିଜର ଆଲର୍ଜି ନଥାଇ ପରିବାରରେ କାହାର ଥିଲେ କ'ଣ କରିବ ନାହିଁ ?

(1) ଫୁଲ ଗଛ ଠାରୁ ଦୂରରେ ରହିବ

(2) ଘରେ ପୋଷା ଜୀବ ରଖିବ ନାହିଁ

(3) ନିଜର ଚର୍ମ ପରିଷ୍କାର ରଖିବ

(4) କୌଣସି ଆଲର୍ଜି ଜିନିଷ ବ୍ୟବହାର କରିବ ନାହିଁ

**124.** କିପରି ଫୁଲଗଛ ଲଗାଇବା ଉଚିତ୍ ?

(1) ଯେଉଁ ଗଛର ଫୁଲକୁ ବ୍ୟବହାର କରିହେବ

(2) ଯେଉଁ ଗଛ ବଡ଼ ହୁଏ ନାହିଁ

(3) ଯେଉଁ ଫୁଲର ରେଣୁ ତଳେ ଖସି ପଡ଼େ, ଉଡ଼ି ଉଡ଼ି ଯାଏ ନାହିଁ

(4) ଫୁଲ କାହାର କ୍ଷତି ନ କରିବ

**125.** ଧାତୁ ବ୍ୟବହାର କିଏ ଛାଡ଼ିଦେବା ଉଚିତ ?

(1) ଧାତୁ ସଂପର୍କରେ ଆସିଲେ ଯାହାର ଆଲର୍ଜି ହୁଏ

(2) ଯିଏ ଆଲର୍ଜି ଚିକତ୍ସା କରିପାରିବେ ନାହିଁ

(3) ପରିବାରଲୋକେ

(4) ଯେହେତୁ ଆଲର୍ଜି ସହଜରେ ଭଲ ହୁଏ ନାହିଁ

**126.** ଛିଙ୍କ ନହୋଇ ମଧ୍ୟ ଚର୍ମତଳର ଆଲର୍ଜେନଟି କ'ଣ କରିପାରେ ?

(1) ଚର୍ମରେ ଟିକ ଟିକ ଫୋଟକା ଉଠେ

(2) ଚର୍ମକୁ ସଲସଲ କରି ପାରେ

(3) ଚର୍ମ କୁଣ୍ଡେଇ ହୁଏ

(4) ଚର୍ମ ରୋଗ ସୃଷ୍ଟି କରେ

***ନିର୍ଦ୍ଦେଶ :*** *ନିମ୍ନ ପ୍ରଦତ୍ତ ଗଦ୍ୟାଂଶଟି ପାଠକରି ଉପଯୁକ୍ତ ଓ ସଠିକ୍ ଉତ୍ତରଟି ନିର୍ବାଚନକର । (ପ୍ରଶ୍ନ 127–135)*

"ଗଣତନ୍ତ୍ରର ଅର୍ଥ କେବଳ ରାଜନୀତିକ ସମାନତା ନୁହେଁ, ଆର୍ଥନୀତିକ ସମାନତା ମଧ୍ୟ । ଉନବିଂଶ ଶତାବ୍ଦୀରେ ରାଜନୀତିକ ସ୍ୱାଧୀନତାକୁ ଜୋର ଦିଆଯାଉଥିଲା । ବିଂଶ ଶତାବ୍ଦୀରେ ଆର୍ଥନୀତିକ ସମାନତା ପ୍ରତି ବେଶୀ ନଜର ପଡ଼ିଛି । ଆଇନ ଅନୁସାରେ ସମସ୍ତଙ୍କୁ ସମାନ କରିଦେଲେ, ଗଣତନ୍ତ୍ର ପ୍ରତିଷ୍ଠା ହୋଇଯିବ ନାହିଁ । ଯେତେବେଳେ ପୋର୍ଟସରେ ୧୦୦ ଗଜ ରେସ୍ ହୁଏ, ସେତେବେଳେ ପ୍ରତି ଯୋଗୀମାନେ ଏକ ସ୍ଥାନରୁ ଦୌଡ଼ ଆରମ୍ଭ କରନ୍ତି, କିନ୍ତୁ ଯଦି ରେଫରି ଦୌଡ଼ିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରେ, କିନ୍ତୁ କେଉଁଠାରୁ ଦୌଡ଼ ଆରମ୍ଭ ହେବ ତାହା ନିରୂପଣ କରେନାହିଁ, ତାହାହେଲେ ପ୍ରତିଯୋଗିତାର କିଛି ମୂଲ୍ୟ ରହେ ନାହିଁ । ସେହିପରି ଶାସନ କ୍ଷେତ୍ରରେ ସମସ୍ତଙ୍କୁ ସମାନ ଅଧିକାର ଦେବାକୁ ହେଲେ ଆର୍ଥନୀତିକ ସମତା ମଧ୍ୟ ରକ୍ଷା କରିବାକୁ ପଡ଼ିବ । ଯେ ପେଟରେ ଓଦାକନା ଦେଇ ଶୋଉଛି, ସେ ରାଜନୀତିକ ସ୍ୱାଧୀନତାରୁ କ'ଣ ବୁଝିବ ? ପ୍ରତ୍ୟେକ ଲୋକ ଅବସ୍ଥାପ୍ୟ ସମାନ ହୋଇ ଜନ୍ମ ହୋଇ ନାହିଁ । କିନ୍ତୁ ପ୍ରତ୍ୟେକ

ଲୋକ ସ୍ୱାଧୀନ ହୋଇ ଜନ୍ମ ହୋଇଛି । ସମାଜରେ ତାର ସମାନ ଅଧିକାର ଅଛି । ତେଣୁ ସେ ସମାନ ସୁବିଧା ଓ ସୁଯୋଗ ପାଇବା ଉଚିତ୍ । ଏଥିପାଇଁ ଆର୍ଥନୀତିକ ଗଣତନ୍ତ୍ରର ପ୍ରୟୋଜନ । ଆର୍ଥନୀତିକ ଗଣତନ୍ତ୍ର ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ନିଜର ସଂସାର ଚଳେଇବା ପାଇଁ ଯଥେଷ୍ଟ ଆୟ ପାଇବା ଦରକାର । କେବଳ ଦିଓଳି ଗଣ୍ଡିଏ ଖାଇ, ଖଣ୍ଡେ ପିନ୍ଧି, ଗୋଟିଏ କୁଡ଼ିଆରେ ଶୋଇବା ପାଇଁ ବ୍ୟବସ୍ଥା କରିଦେଲେ ଗଣତନ୍ତ୍ରର କାମ ସରିଯିବ ନାହିଁ । ପ୍ରତ୍ୟେକ ଲୋକ ଯେପରି ଏକ ପୂର୍ଣ୍ଣ ଏବଂ ସର୍ବାଙ୍ଗ ସୁନ୍ଦର ଜୀବନ ଉପଭୋଗ କରି ପାରିବେ, ତାହା ମଧ୍ୟ ଗଣତନ୍ତ୍ରର ଦେଖିବାର କଥା । ଦ୍ୱିତୀୟରେ ପ୍ରତ୍ୟେକ ଲୋକ ମଧ୍ୟ ସମାନ ସୁବିଧା ଓ ସୁଯୋଗ ପାଇବା ଉଚିତ୍ ।

କେତେକ ଏଥିପାଇଁ ଆର୍ଥିକ ସମତା ଆଣିବାକୁ ମତ ଦେଇଛନ୍ତି । ଆର୍ଥିକ ସମତା ନଥାଇ ମଧ୍ୟ ସମାନ ସୁବିଧା ଓ ସୁଯୋଗ ଦେବାରେ ବେଶୀ କିଛି ଅସୁବିଧା ହେବ ନାହିଁ ବୋଲି ଅନ୍ୟ କେତେକଙ୍କର ମତ । ସେ ଯାହାହେଉ, ଏକଥା ସତ ଯେ ସମାଜରେ ଯଦି ଆର୍ଥନୀତିକ ତାରତମ୍ୟ ପ୍ରବଳ ଭାବରେ ଦେଖାଯାଏ, ତାହେଲେ ଆର୍ଥନୀତିକ ଗଣତନ୍ତ୍ର ସମ୍ଭବ ହୋଇ ପାରିବ ନାହିଁ । ସମସ୍ତଙ୍କର ଆୟ ସମାନ ନହେଲେ ମଧ୍ୟ ଆଜି ଯେପରି ଆୟରେ ଆକାଶ ପାତାଳ ପ୍ରଭେଦ ଅଛି, ସେଥିରେ ପରସ୍ପର ସହିତ ସହଯୋଗ ମଧ୍ୟ ସମ୍ଭବ ନୁହେଁ । ଗଣତନ୍ତ୍ର ସହଯୋଗ ଓ ସହୃଦୟତା ଉପରେ ପ୍ରତିଷ୍ଠିତ । ଆପୋଷରେ ମିଳାମିଶା ପାଇଁ ସମାଜରୁ ବିଭେଦ ଦୂରକରି କ୍ଷମତା ଆଣିବାକୁ ତତ୍ ପରୋନାସ୍ତି ଚେଷ୍ଟ କରାଯିବ । ତୃତୀୟରେ ଶିଳ୍ପଓ ବ୍ୟବସାୟ ଯେତ୍ରରେ ଶ୍ରମିକ ମାନଙ୍କର ମଧ୍ୟ କିଛି କର୍ତ୍ତୃତ୍ୱ ରହିବା ଆବଶ୍ୟକ । ଯେପରି ରାଜନୀତିକ କ୍ଷେତ୍ରରେ ସ୍ୱେଚ୍ଛାଚାରୀ ଦକ୍ଷତା ପରିହାର୍ଯ୍ୟ, ସେହିପରି ଅର୍ଥନୀତି କ୍ଷେତ୍ରରେ ଅନିୟନ୍ତ୍ରିତ କ୍ଷମତା ମଧ୍ୟ ପରିହାର୍ଯ୍ୟ । ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସ୍ୱାୟତ୍ତ ଶାସନ ଗଣତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ ।

**127.** ଊନବିଂଶ ଶତାବ୍ଦୀରେ କେଉଁ ସ୍ୱାଧୀନତାକୁ ଜୋର୍ ଦିଆଯାଇଥିଲା ?

(1) ରାଜନୀତିକ ସ୍ୱାଧୀନତାକୁ

(2) ଆର୍ଥନୀତିକ ସ୍ୱାଧୀନତାକୁ

(3) ଆର୍ଥନୀତିକ ସମାନତାର ସ୍ୱାଧୀନତାକୁ

(4) ଗଣତାନ୍ତ୍ରିକ ସ୍ୱାଧୀନତାକୁ

**128.** ଆଇନ୍ ଅନୁସାରେ ସମସ୍ତେ ସମାନ ହେଲେ କ'ଣ ହେବ ?

(1) ଆର୍ଥନୀତିକ ସ୍ୱାଧୀନତା ମିଳିଯିବ

(2) ସ୍ୱାୟତ୍ତ ଶାସନ ହୋଇ ପାରିବ ନାହିଁ

(3) ଗଣତନ୍ତ୍ରର ମୂଲ୍ୟ ବୃଦ୍ଧି ହେବ

(4) ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ ନାହିଁ

**129.** ପ୍ରତ୍ୟେକ ଲୋକ କ'ଣ ହୋଇ ଜନ୍ମ ହୋଇଛି ?

(1) ସମାନ ସୁବିଧା ପାଇଁ

(2) ସମାନ ହୋଇ

(3) ସ୍ୱାଧୀନ ହୋଇ

(4) ଆର୍ଥିକ କ୍ଷମତା ପାଇଁ

**130.** ବ୍ୟକ୍ତି ନିଜର ସଂସାର ଚଳାଇବା ପାଇଁ କ'ଣ ପାଇବା ଦରକାର ?

(1) ଗୋଟିଏ କୁଡ଼ିଆରେ ଶୋଇବା

(2) ରାଜନୈତିକ ଓ ଆର୍ଥନୀତିକ ସମାନତା

(3) ଯଥେଷ୍ଟ ଆୟ

(4) ଦି'ଓଳି ଗଣ୍ଡେ ଖାଇବା

**131.** ସମାଜରେ ଆର୍ଥନୀତିକ ତାରତମ୍ୟ ପ୍ରବଳ ହେଲେ କ'ଣ ହୁଏ ?

(1) ସ୍ୱାଧୀନତା ବୁଝି ହୁଏ ନାହିଁ

(2) ଆର୍ଥନୀତିକ ଗଣତନ୍ତ୍ର ସମ୍ଭବ ହୁଏ ନାହିଁ

(3) ରାଜନୀତିକ ସମାନତା ସମ୍ଭବ ହୁଏ ନାହିଁ

(4) ଗଣତାନ୍ତ୍ରିକ କ୍ଷମତା ରହେ ନାହିଁ

**132.** ଗଣତନ୍ତ୍ରର ପ୍ରଧାନ ଲକ୍ଷ୍ୟ କ'ଣ ?

(1) ସମତା ଆଣିବା

(2) ସମସ୍ତଙ୍କ ଆୟ ସମାନ କରିବା

(3) ଆପୋଷରେ ମିଳାମିଶା କରିବା

(4) ସହଯୋଗ ଓ ସହୃଦୟତା

**133.** ଦୌଡ଼ ପ୍ରତି ଯୋଗିତାର ମୂଲ୍ୟ କିଛି ରହେ ନାହିଁ କାହିଁକି ?

(1) ରେଫରି ଦୌଡ଼ର ସ୍ଥାନ ନିରୂପିତ ନକଲେ

(2) ଦୌଡ଼ିବା ପାଇଁ ରେଫରି ନଥିଲେ

(3) ୧୦୦ ଗଜରୁ ରେସ୍ ସ୍ଥାନ କମ୍ ହେଲେ

(4) ଦୌଡ଼ିବା ପାଇଁ ଆହ୍ୱାନ ନକଲେ

**134.** ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ କ'ଣ ରହିବା ଆବଶ୍ୟକ ?

(1) ଶ୍ରମିକ ମାନଙ୍କର ସ୍ୱାଧୀନତା

(2) ଅନିୟନ୍ତ୍ରିତ କ୍ଷମତା

(3) ଆର୍ଥନୀତିକ ସ୍ୱାଧୀନତା

(4) ଶ୍ରମିକ ମାନଙ୍କର ମଧ୍ୟ କିଛି କର୍ତ୍ତବ୍ୟ

**135.** ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଗଣତନ୍ତ୍ରର ପ୍ରଧାନ ଉଦ୍ଦେଶ୍ୟ କ'ଣ ?

(1) ସ୍ୱାୟତ୍ତ ଶାସନ

(2) ଶ୍ରମିକ ସହଯୋଗ

(3) ଆର୍ଥନୀତିକ ସମାନତା

(4) ସ୍ୱେଚ୍ଛାଚାରୀ ଦକ୍ଷତା

*ନିର୍ଦ୍ଦେଶ : ସବୁଠାରୁ ଉପଯୁକ୍ତ ଉତ୍ତର ନିର୍ବାଚନ କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।*

**136.** 'ପ୍ରତ୍ୟାଖ୍ୟାନ ନ କରିବା ମନୋଭାବ' (Never Give up Attitude) କୁ ସଞ୍ଚାରିତ କରିଥାଏ, ଏହା ଏକ ଯଥାର୍ଥ କାର୍ଯ୍ୟକ୍ରମ ଯେତେବେଳେ ବିଦ୍ୟାର୍ଥୀ

(1) କାଗଜତିଆରି ଉଡ଼ାଜାହାଜକୁ ବଦଳାଇ ପୁଣି ପରୀକ୍ଷାକରିଥାଏ, ଦୂରକୁ ଯିବାର ଉପାୟ ଅନୁସନ୍ଧାନ ସହିତ ଅନୁଭୂତିକୁ ତ୍ୱରାନ୍ୱିତ କରିଥାଏ

(2) ଜୀବନକାଳ ମଧ୍ୟରେ ସମ୍ମୁଖିନ ହେଉଥିବା କଷ୍ଟନର ଅନୁଭୂତିର ରେଖାଚିତ୍ର ଦଳବଦ୍ଧ ହୋଇ ପ୍ରସ୍ତୁତ କରିଥାଏ

(3) ଇଂରାଜୀ ପିରିଅଡ଼ରେ ଅଧକ୍ଷଙ୍କ ଅନୁମତି ନେଇ ବାହାରକୁ ଯାଇ ଖେଳିଥାଏ

(4) ଅଭିଭାବକ-ଶିକ୍ଷକ ସାକ୍ଷାତବେଳେ ଦୁଇଟି ଲୋକପ୍ରିୟଗୀତ ଗାଇଏ ସହିତ କେତେକ କାରୁକଳର ପ୍ରଦର୍ଶନ କରିଥାନ୍ତି

137. ଭାଷା ଆହରଣ

(1) ଶବ୍ଦ ମୁଖସ୍ଥ ସହିତ ବ୍ୟାକରଣବୋଧଶକ୍ତି ଓ ବିଧିବଦ୍ଧ ବିଶ୍ଳେଷଣର ଅପେକ୍ଷାରଖେ

(2) ମାନବ ମସ୍ତିଷ୍କର ସହଜାତ ଧାରଣାକ୍ଷମତା ଯୋଗୁ ଜନ୍ମସିଦ୍ଧ ଭାଷା କିମ୍ବା ଦ୍ୱିତୀୟଭାଷା ଆହରଣଧାରାର ଅପେକ୍ଷାରଖେ

(3) ପରିବେଶ ଅନୁସରଣର ଏହା ଏକ କୌଶଳ ଯେଉଁଥିରେ ପିଲାମାନେ ନିଜ ନିଜର ଜନ୍ମଗତ ଭାଷା ଆହରଣ କରିଥାନ୍ତି

(4) କଣ୍ଠସ୍ଥକରଣର ଅପେକ୍ଷା ରଖେ ଏବଂ ଆବଶ୍ୟକ ଶବ୍ଦାବଳୀ ବ୍ୟବହାର କରେ

138. ପ୍ରାଥମିକ ଅବସ୍ଥାରେ ଶିକ୍ଷାକୁ ଭଲଭାବେ ଆୟତ୍ତ କରାଯାଇପାରେ

(1) ଗଳ୍ପ/ପାଠ୍ୟରେ ଚରିତ୍ର ଓ ଘଟଣା ଉପରେ ଆଧାରିତ ଲିଖିତ ପରୀକ୍ଷା ମାଧ୍ୟମରେ

(2) କେତେ ପଢ଼ିଛନ୍ତି ଜାଣିବା ପାଇଁ ଏକ ମୌଖିକ ସାକ୍ଷାତକାର ଦ୍ୱାରା

(3) ଏକ କ୍ଷୁଦ୍ର ପ୍ରକଳ୍ପ ପାଇଁ ୫୦ ଶବ୍ଦ ବିଶିଷ୍ଟ ଗୋଟିଏ ବହି ଲେଖିବା/ପାଠ୍ୟାଲୋଚନା ପ୍ରସ୍ତୁତ କରିବା ଦ୍ୱାରା

(4) ଶବ୍ଦର ଅର୍ଥ ଓ ଉଚ୍ଚାରଣ ଉପରେ ଆଧାରିତ କଥିତ କୁଇଜ ମାଧ୍ୟମରେ

139. ପାଠ୍ୟକ୍ରମ ପ୍ରସ୍ତୁତି ବିଭିନ୍ନ ଉପାଦାନର ଅପେକ୍ଷା ରଖିଥାଏ

(1) ପାଠ୍ୟନିର୍ବାଚନ/ପଠନ ଅନୁଭୂତି, ଆବଶ୍ୟକତା ଆକଳନ, ଅଭିପ୍ରାୟ ସ୍ଥିରୀକରଣ, ମୂଲ୍ୟାୟନ

(2) ଆବଶ୍ୟକତା ବିଶ୍ଳେଷଣ, ଅଭିପ୍ରାୟ ସ୍ଥିରୀକରଣ, ପାଠ୍ୟ ନିର୍ବାଚନ/ପଠନ ଅନୁଭୂତି/ଆକଳନ

(3) ଅଭିପ୍ରାୟ ସ୍ଥିରୀକରଣ, ଆବଶ୍ୟକତା ଆକଳନ, ମୂଲ୍ୟାୟନ, ପାଠ୍ୟନିର୍ବାଚନ / ପଠନ ଅନୁଭୂତି

(4) ଅଭିପ୍ରାୟର ସ୍ଥିରୀକରଣ, ଆବଶ୍ୟକତା ଆକଳନ, ପାଠ୍ୟ ନିର୍ବାଚନ/ପଠନଅନୁଭୂତି, ମୂଲ୍ୟାୟନ

140. ବିଦ୍ୟାର୍ଥୀଙ୍କୁ ପରୋକ୍ଷ ଅନୁଭୂତି ପ୍ରଦାନ କରୁଥିବା ଏକ ମାଧ୍ୟମ

(1) ସଂକ୍ଷିପ୍ତ ସନ୍ଧିସମୂହ, ବିଷୟ ଅଧ୍ୟୟନ

(2) ବୋଡ଼ ପ୍ରଦର୍ଶନ, ଫିଲ୍ମ ଅଂଶବିଶେଷ

(3) କ୍ଷେତ୍ରାଧ୍ୟୟନ, ଅନୁଧ୍ୟାନ

(4) ବାସ୍ତବ ବିଷୟ ଏବଂ ପ୍ରରୂପ

**141.** 'କଂପ୍ୟୁଟର ସମନ୍ୱିତ ନିର୍ଦ୍ଦେଶାବଳୀ' (CAI) ରେ, ନକଲକରଣ ବିଧି (simulation mode) ରହିଛି, ଯେଉଁଥିରୁ ବିଦ୍ୟାର୍ଥୀ

(1) ପ୍ରଶ୍ନ ସଂପର୍କିତ ସମସ୍ତ ତଥ୍ୟ ସହିତ ତୁରନ୍ତ ପ୍ରତିକ୍ରିୟା ମଧ୍ୟ ପାଇ ପାରିଥାଏ

(2) ବିବିଧ ଅନୁଶୀଳନୀକୁ ବାରମ୍ବାର ଅଭ୍ୟାସ କରିଥାଏ

(3) ତ୍ରୁଟି ଏବଂ ସୁଧାର ପ୍ରକ୍ରିୟାରେ ବିବିଧ ସମସ୍ୟାର ସମାଧାନ କରିଥାଏ

(4) ବାସ୍ତବ ଜୀବନଧାରା ଓ ପରିଦୃଶ୍ୟମାନ ବସ୍ତୁ ସଂପର୍କରେ ଅନୁଭୂତି ସଂଗ୍ରହକରେ

**142.** ଏକ 'ଶ୍ରବଣ ଉତ୍ତେଜକ' ଯାହା

(1) ନିର୍ଦ୍ଦେଶନା ଭଳି ତଥ୍ୟନିଷ୍ଠ କାର୍ଯ୍ୟକ୍ରମକୁ ପରିଚିତ କରାଇଥାଏ

(2) ପୁନରାବଲୋକନ ପାଇଁ ଉତ୍ତମ ଭାଷ୍ୟ ଶୁଣାଇଥାଏ

(3) ଶୁଣିବା ଶେଷ କରିବା ସହିତ ଏକ ବିଷୟ ଉପସ୍ଥାପନ ପାଇଁ ବିଦ୍ୟାର୍ଥୀକୁ ସକ୍ଷମ କରାଇଥାଏ

(4) ନିର୍ଦ୍ଦିଷ୍ଟ ଗୋଷ୍ଠୀଭୁକ୍ତ ବିଦ୍ୟାର୍ଥୀମାନଙ୍କୁ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରିଥାଏ ଯେଉଁମାନେ ଶ୍ରବଣ ପରେ ଯାହା ଆହରଣ କରିଥିଲେ ତାକୁ ପୁଣି କାର୍ଯ୍ୟରେ ଲଗାଇବେ

**143.** ବାକ୍ ଆକଳନ ସମୟରେ 'ପରସ୍ପର ଭାବରଆଦାନ ପ୍ରଦାନଜନିତ କାର୍ଯ୍ୟକ୍ରମ'ର ପରିସରଭୁକ୍ତ ହୋଇଥାଏ –

(1) ଗୋଟିଏ ଅନୁଚିନ୍ତାର ବର୍ଣ୍ଣନ କରିବା କିମ୍ବା ଅନୌପଚାରିକ ଭାବେ ଏହାକୁ ସାବ୍ୟସ୍ତ କରିବା

(2) ଅନ୍ୟ ସହିତ ଟେଲିଫୋନ୍‌ରେ କଥାହେବା

(3) ଆକଳକ ସହିତ ଦୁଇବା ତତୋଧିକ ବିଷୟ/ସ୍ଥାନ/ଘଟନାର ତୁଳନା କରିବା

(4) ଅର୍ଥର ବିନିମୟ କରିବା, ଭିନ୍ନମତପୋଷଣ କରିବା ଏବଂ ଅନ୍ୟମାନଙ୍କୁ ସେହି ସୁଯୋଗଦେବା

**144.** ଲେଖାରେ ପୁନରୁଦ୍ଧାର କୌଶଳ ହେଉଛି

(1) ଚିତ୍ରରେ ଉପସ୍ଥାପନ କରିବା ଏବଂ ସଂକ୍ଷିପ୍ତସାର ପ୍ରସ୍ତୁତ କରିବା

(2) ବିସ୍ତୃତ ତଥ୍ୟଭିତ୍ତିକ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ

(3) ପଠନ/ଶ୍ରବଣ ସମୟରେ ତଥ୍ୟ ସଂଗ୍ରହ କରିବା

(4) ନୋଟତିଆରି କରିବା ଏବଂ ନୋଟ ଗ୍ରହଣକରିବା

**145.** 'ସଚେତନତା ସୃଷ୍ଟିକାରୀ' ବ୍ୟାକରଣ କ୍ରୀଡ଼ା ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥାଏ

(1) ପ୍ରଦତ୍ତ କାର୍ଯ୍ୟକୁ ଶେଷ କରିବା ପାଇଁ ସହଯୋଗ କରିବା

(2) ଶିକ୍ଷକ ଯେଉଁ ସମୟରେ ଗଠନକୌଶଳକୁ ଆୟତ୍ତ କରିଥିବେ, ଅର୍ଥ ବିଷୟରେ ନିଜକୁ ସଂପୃକ୍ତ କରିବା ଏବଂ ଅନୁଭବ କରିବା

(3) ପ୍ରଦତ୍ତ ପ୍ରସଙ୍ଗ ବିଷୟରେ ପରସ୍ପରର ଭାବ ବିନିମୟ କରିବା ପାଇଁ ଆହୃତ ପଠନ କୌଶଳର ବ୍ୟବହାର କରିବା

(4) ପଠିତ ବିଷୟର ଗଠନକୌଶଳ ବିଷୟରେ ସଚେତନ ଭାବେ ଚିନ୍ତାକରିବା

**146.** "ଯଥାର୍ଥ ଗଠନକୌଶଳ" ସଂପର୍କରେ ନମ୍ ଚମ୍ସକିଙ୍କ ମନ୍ତବ୍ୟ ହେଉଛି –

(1) ପରିବର୍ତ୍ତିତ ବ୍ୟାକରଣ ତୁଳନାତ୍ମକ ଭାଷାତତ୍ତ୍ୱ ପ୍ରତି ଆଗ୍ରହ ବୃଦ୍ଧି କରାଇଥାଏ

(2) ବିଶ୍ୱରେ ଇଂରାଜୀ ଯଥାର୍ଥ ସାଧାରଣ ସାହାୟକ ଭାଷା ବୋଲି ଅନେକଙ୍କ ଧାରଣା

(3) ମାନବ ମସ୍ତିଷ୍କର ସହଜାତ ଧାରଣଶକ୍ତି ପ୍ରତି ଗୁରୁତ୍ୱ ଆରୋପ : ଏବଂ ସମସ୍ତଭାଷା ମଧ୍ୟରେ ଥିବା ସର୍ବଜନବୋଧ ବ୍ୟାକରଣ

(4) ନିରନ୍ତର ପଠନ ମାଧ୍ୟମରେ ଅନ୍ତର୍ନିହିତ ବ୍ୟାକରଣ ନିୟମର ଅଧ୍ୟୟନ

**147.** 'ଆରୋହ–ଅବରୋହ ଧାରା' (bottom up model) ବିଶିଷ୍ଟ ପାଠ୍ୟକ୍ରମ ଯହିଁରେ

(1) ପାଠ୍ୟ କାର୍ଯ୍ୟକ୍ରମରେ ଅଧିକ ମନୋନିବେଶ ଏବଂ କାର୍ଯ୍ୟକାରଣଯୁକ୍ତ ଜ୍ଞାନକୁ ଉତ୍ସାହ ପ୍ରଦାନ କରିବା ଦିଗରେ ବିଦ୍ୟାର୍ଥୀଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଇଥାଏ

(2) ଜ୍ଞାନାର୍ଜନରଧାରା ଯୋଗ୍ୟତା ପୂର୍ବାଭିମୁଖୀକରଣ ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ

(3) ବିଦ୍ୟାର୍ଥୀ ଉପରେ ଅପ୍ରତ୍ୟକ୍ଷ ପ୍ରଭାବ ପକାଉଥିବା ଏକ ଯୁଗୋପଯୋଗୀ ଦୂରଶିକ୍ଷା

(4) ପାଠ୍ୟକ୍ରମକୁ ଅଧିକ ଆଦୃତ କରିବାପାଇଁ ସଫ୍‌ଟଓ୍ୱେୟାରଜ୍ଞାନ ଉପରେ ନିର୍ଭର କରିବା

**148.** ଏହି ମାନବିକ ଆବେଦନ ବିଶେଷଭାବେ

(1) ନୂତନ ପରିବେଶରେ ଆହୃତ କୌଶଳ, ବିଷୟ, ସିଦ୍ଧାନ୍ତ, ନିୟମଆଦିର ବ୍ୟବହାର କରିଥାଏ

(2) ନିଜପାଇଁ କୌଶଳ ଚୟନ ଦିଗରେ ଏହା ବିଦ୍ୟାର୍ଥୀଙ୍କୁ ସକ୍ଷମ କରାଇବାର ଏକ ଅନୁଚିନ୍ତା

(3) ଆନୁଷଙ୍ଗିକ ପ୍ରସଙ୍ଗର ଉପସ୍ଥାପନ ସହିତ ବିଷୟ ଅଧ୍ୟୟନ ପ୍ରତି ଅବଗତ କରାଇଥାଏ

(4) ସମସ୍ତ ବିଶେଷତ୍ୱ ସହିତ ଏହ ଶିକ୍ଷା ଶୃଙ୍ଖଳାକୁପୂର୍ଣ୍ଣତା ଆଡ଼କୁ ଆଗେଇ ନେଇଥାଏ

**149.** ଏକ ବିଶେଷ ଆବଶ୍ୟକତା ପୂରଣକ୍ଷମ ଶ୍ରେଣୀକକ୍ଷ ଯାହା

(1) ପୃଥକ୍‌ଭାବେ ଅବସ୍ଥାପିତ

(2) ସବୁଶ୍ରେଣୀର ବିଦ୍ୟାର୍ଥୀଙ୍କୁ ସଂପୂର୍ଣ୍ଣତା ପ୍ରଦାନ କରିଥାଏ

(3) ନିୟମିତ ଶିକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ସହାୟକ ଶିକ୍ଷକ ପ୍ରଦାନକରିଥାଏ

(4) ପୂର୍ଣ୍ଣତଃ ରୁଚିସଂପନ୍ନ

**150.** ପ୍ରାକ୍–ପଠନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ?

(1) ବିଦ୍ୟାର୍ଥୀର ଜ୍ଞାନ ବୃଦ୍ଧି କରିଥାଏ

(2) ପାଠ୍ୟପ୍ରତି ଆଗ୍ରହ ବୃଦ୍ଧି କରିଥାଏ

(3) ଜ୍ଞାନର୍ଜନର ଅନୁଭୂତିକୁ ଉପଭୋଗ୍ୟ କରିଥାଏ

(4) ନୂତନ ଶବ୍ଦ ଶିଖାଇଥାଏ

